
# ସତ୍ୟବାର୍ତ୍ତା

(THE VOICE OF TRUTH)



MAY - JUNE
2005

*An Oriya Bimonthly Bulletin*
*Published By the Church of Christ*

# THE VOICE OF TRUTH

Edited & Published By
*Joshua & Kabita Gootam*

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884 - 2363722

**Vol. 10. May & June 2005 (No. 3)**

**Published every two months in Oriya Language for the Restoration of pure New Testament Christianity**

Watch *SATYA VANI* on TEJA Channel Every Saturday and every Tuesday on MAA TV at 6:30 a.m. in Telugu Language.

Speaker : JOSHUA GOOTAM

Write for free Bible Correspondence Course in Telugu & Oriya to :

☆ THE DIRECTOR ☆
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - X KAKINADA MAY-JUNE


## ଉପାସନାରେ ଯୋଗଦାନ

### (Attending the Assemblies)

ମଣ୍ଡଳୀ ଉପାସନା ପରିତ୍ୟାଗ କରିବା ଖ୍ରୀଷ୍ଟିୟାନମାନଙ୍କ ସବୁଠାରୁ ଗୁରୁତର ଅପରାଧ । ଖ୍ରୀଷ୍ଟିୟାନ ଭାଇମାନଙ୍କ ସହଭାଗିତା ଉପେକ୍ଷା କରିବା ବ୍ୟକ୍ତି କିପରି ପ୍ରଭୁଙ୍କ ଠାରେ ବିଶ୍ୱସ୍ତ ହୋଇ ରହିପାରିବ ? ମଣ୍ଡଳୀ ଉପାସନା କରିତ୍ୟାଗ କରିବା ଖ୍ରୀଷ୍ଟିୟାନମାନେ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ କରିବା ଅସମ୍ଭବ ।

ଯଦିଓ ବଡ଼ଦିନ କିଅବା ଉତ୍‌ଥାନ ପର୍ବପାଳନ କରିବାରେ ବାକ୍ୟରେ ଉଲ୍ଲେଖିତ କରାଯାଏ ନାହିଁ । ଏହି ଦୁଇ ଦିନରେ ମଣ୍ଡଳୀ ଉପାସନାରେ ଯୋଗଦେଲେ ଯଥେଷ୍ଟ ବୋଲି ଅନେକ ମନେ କରନ୍ତି ଏତଦ୍ୱାରା ସେମାନେ ପ୍ରଭୁଙ୍କ ସନ୍ତୋଷଯୁକ୍ତ ଜୀବନଯାପନ କରୁଅଛନ୍ତି ବୋଲି ଭାବି ଆପଣା ଅପାଣାକୁ ପ୍ରତାରଣା କରୁଅଛନ୍ତି । ଉପାସନାରେ ଯୋଗ ନଦେବାର ଅନେକ ଛଳନା କରି କି ସେମାନଙ୍କୁ ସନ୍ତୋଷଯୁକ୍ତ କରିପାରେ ? ସମସ୍ତ ବାଧାବିଘ୍ନ ହଟାଇ ମନୁଷ୍ୟ ସ୍ୱକାର୍ଯ୍ୟ ଉତ୍ପନ୍ନ କରେ କିନ୍ତୁ ଉପାସନାରେ ଯୋଗଦେବାର ଅବହେଳା କରେ ।

"ମୁଁ ଆପଣା ଗୃହରେ ପ୍ରଭୁଙ୍କୁ ପ୍ରାର୍ଥନା କରେ ବୋଲି ମଣ୍ଡଳୀ ଉପାସନା ଯୋଗ ନଦେବା ଅନେକ ଖ୍ରୀଷ୍ଟିୟାନମାନେ କାରଣ ଦର୍ଶାନ୍ତି । ଏପରି କାରଣ ପ୍ରଭୁଙ୍କ ଗ୍ରହଣଯୋଗ୍ୟ ନୁହେଁ କାରଣ ସେ ଖ୍ରୀଷ୍ଟିୟାନମାନଙ୍କୁ ସପ୍ତାହର ପ୍ରଥମ ଦିନରେ ମଣ୍ଡଳୀ ଉପାସନାରେ ଯୋଗଦେବା ନିମନ୍ତେ ଆଜ୍ଞା ଦେଇଅଛନ୍ତି । ଖ୍ରୀଷ୍ଟିୟାନ ମାନେ ମଣ୍ଡଳୀ ଉପାସନାରେ ଯୋଗଦେଇ ପ୍ରଭୁଙ୍କ ସ୍ତୁତିଗାନ, ବାକ୍ୟଧ୍ୟାନ, ପ୍ରଭୁଭୋଜନ ପାଳନ କରନ୍ତି । ସ୍ୱଗୃହରେ ପ୍ରାର୍ଥନା କରିବା ଦ୍ୱାରା ଆମ୍ଭେମାନେ ଉପାସନାର ଏହିସବୁ ମୁଖ୍ୟ ଅଂଶରେ ଭାଗୀ ହୋଇନପାରୁ । ଉପାସନାର ଅର୍ଥ କେବଳ ପ୍ରାର୍ଥନା ନୁହେଁ, ତେଣୁ କରି ମଣ୍ଡଳୀ ଉପାସନାରେ ଯୋଗନଦେଇ ଆପଣା ଗୃହରେ ପ୍ରାର୍ଥନା କରିବାରେ ଉପାସନାର

ଅନ୍ୟାନ୍ୟ ଅଂଶରେ ଭାଗୀହେବାରୁ ବଞ୍ଚିତ ହୋଇଥାଉଁ । ବେଳେ ବେଳେ ଖ୍ରୀଷ୍ଟିୟାନମାନେ ଅସୁସ୍ଥତା ଯୋଗୁଁ ଉପାସନାରେ ଯୋଗଦେଇ ପାରନ୍ତି ନାହିଁ । ଆମ୍ଭମାନଙ୍କ ପ୍ରଭୁ ହୃଦୟର ପରୀକ୍ଷକ ଅଟନ୍ତି ।

ଉପାସନାରେ ଯୋଗଦେବା ବିଷୟରେ ପ୍ରଭୁ କଅଣ କହନ୍ତି ? ଏବ୍ରୀ ପୁସ୍ତକକର୍ତ୍ତାଙ୍କ ଭାଷାରେ 'ଆମ୍ଭେମାନେ ଯେଉଁ ଭରସା ସ୍ୱୀକାର କରୁଅଛୁ ତାହା ଅଟଳ ଭାବରେ ଦୃଢ଼ କରି ଧରୁ, କାରଣ ଯେ ପ୍ରତିଜ୍ଞା କରିଅଛନ୍ତି, ସେ ବିଶ୍ୱସ୍ତ ପୁଣି ପ୍ରେମ ଓ ସତ୍‌କ୍ରିୟାରେ ପ୍ରବର୍ତ୍ତାଇବା ନିମନ୍ତେ ପରସ୍ପର ବିଷୟରେ ମନୋଯୋଗ କରୁ । ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା କରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ । କାରଣ ସତ୍ୟଜ୍ଞାନ ଲାଭ କରିବା ପରେ ଯଦି ଆମ୍ଭେମାନେ ସ୍ୱେଚ୍ଛାପୂର୍ବକ ପାପ କରୁଥାଉ ତେବେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନଥାଏ । ବରଂ ବିଚାରର ଏକ ପ୍ରକାର ଭୟଙ୍କର ପ୍ରତୀକ୍ଷା ଓ ବିପକ୍ଷମାନଙ୍କ ଗ୍ରାସକାରୀ ଅଗ୍ନିର ପ୍ରଚଣ୍ଡତା ଅବଶିଷ୍ଟ ଥାଏ । (ଏବ୍ରୀ ୧୦:୨୩-୨୭)

## ଉପରୋକ୍ତ ପଦଗୁଡ଼ିକର ମୁଖ୍ୟ ଭାବ :-

୧) ବିଶ୍ୱସ୍ତ ପ୍ରଭୁଙ୍କ ହସ୍ତ ତଳେ ବିଶ୍ୱସ୍ତ ଜୀବନଯାପନ କରୁ ।

୨) ପରସ୍ପରର ହିତ କାମନା କରୁ ।

୩) କେହି କେହି ମଣ୍ଡଳୀ ଉପାସନା ପରିତ୍ୟାଗ କଲା ପରି ଆମ୍ଭେମାନେ ଉପାସନା ତ୍ୟାଗ ନ କରୁ ।

୪) ମଣ୍ଡଳୀ ଉପାସନାରେ ଯୋଗଦେବା ନିମନ୍ତେ ପରସ୍ପରକୁ ଉତ୍ସାହିତ କରୁ । ପ୍ରଭୁଙ୍କ ଦିନ ଅର୍ଥାତ୍ ଉପାସନାର ଦିନ ଉପସ୍ଥିତ ହେବା ପୂର୍ବେ ଆମ୍ଭେମାନେ ଆପଣା ଆପଣାକୁ ପ୍ରସ୍ତୁତ କରିବା ଆବଶ୍ୟକ ।

୫) ସତ୍ୟଜ୍ଞାନ ଲାଭ କରିବା ପରେ ସ୍ୱେଚ୍ଛା ପୂର୍ବକ ପାପ କଲେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନ ଥାଏ, ବରଂ ବିଚାରର ଏକ ପ୍ରକାର ଭୟଙ୍କର ପ୍ରତୀକ୍ଷା ଓ ଗ୍ରାସକାରୀ ଅଗ୍ନିର ପ୍ରଚଣ୍ଡତା ଅବଶିଷ୍ଟ ଥାଏ । ସ୍ୱେଚ୍ଛାପୂର୍ବକ ଉପାସନାରେ ଯୋଗନଦେଇ ତାହାଙ୍କ ଅନାଜ୍ଞାବହ ହୋଇ, ତାହାଙ୍କ ଆଶୀଷ ଆମ୍ଭେମାନେ କିପରି ଆଶା କରିପାରିବା ? ନିୟମିତ ଭାବେ ଆମ୍ଭେମାନେ ମଣ୍ଡଳୀ ଉପାସନା ପରିତ୍ୟାଗ କଲେ, ଆମ୍ଭମାନଙ୍କ ଅନନ୍ତ ରୂପ ମୁକୁଟ ହରାଇବା ।

ଉପରୋକ୍ତ ବିଶ୍ଳେଷଣରୁ ଈଶ୍ୱର ଆମ୍ଭମାନଙ୍କୁ ନିୟମିତ ଭାବେ ମଣ୍ଡଳୀ ଉପାସନାରେ ଯୋଗଦେବା ନିମନ୍ତେ ଆଜ୍ଞା ଦେଇ ଅଛନ୍ତି ଏବଂ ପରିତ୍ୟାଗ କରିବା ଦ୍ୱାରା ଆମ୍ଭେମାନେ ବିନଷ୍ଟ ହେବୁ ବୋଲି ଜାଣିପାରିଲୁ । ମଣ୍ଡଳୀ ଉପାସନାରେ ନିୟମିତ ଭାବେ ଯୋଗଦେବାର ଆବଶ୍ୟକତାର କେତୋଟି କାରଣ :-

୧) ଏତଦ୍ୱାରା ଆମ୍ଭେମାନେ ବାକ୍ୟ ଦ୍ୱାରା ତଥା ଉଦାହରଣ ଦ୍ୱାରା ଶିକ୍ଷା ପାଉ । ଏବ୍ରୀ ୧୦:୨୫ରେ ମଣ୍ଡଳୀ ଉପାସନା ପରିତ୍ୟାଗ ନ କରିବା ପାଇଁ ଆମ୍ଭମାନଙ୍କୁ ଚେତନା ଦିଆଯାଇଅଛି । ପ୍ରେରିତ ୨:୪୨, ୨୦:୭ ପଦରେ ଆଦିମ ଖ୍ରୀଷ୍ଟିୟାନମାନେ ମଣ୍ଡଳୀ ଉପାସନା ନିମନ୍ତେ ଏକତ୍ରିତ ହେଉଥିଲେ ବୋଲି ପଢ଼ିଥାଉ । ଆମ୍ଭେମାନେ ତାହାଙ୍କ ଉଦାହରଣ ଅବଲମ୍ବନ କରିବା ଅତ୍ୟାବଶ୍ୟକ ।

୨) ଈଶ୍ୱର ଆତ୍ମା ହୋଇଥିବାରୁ, ତାହାଙ୍କୁ ଆତ୍ମା ଓ ସତ୍ୟରେ ଆମ୍ଭେମାନେ ମଣ୍ଡଳୀରେ ଉପାସନା କରୁ । (ଯୋହନ ୪:୨୩,୨୪) ।

୩) ପ୍ରଭୁଭୋଜରେ ଭାଗୀ ହେବା ନିମନ୍ତେ ପ୍ରଭୁ ଆମ୍ଭମାନଙ୍କୁ ମଣ୍ଡଳୀ ଉପାସନାରେ ଯୋଗଦେବା ନିମନ୍ତେ ଇଚ୍ଛା କରନ୍ତି । ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରରେ ପ୍ରଭୁ ଯୀଶୁ ରୋଟୀ ଘେନି ଧନ୍ୟବାଦ ଦେଇ ତାହା ଭାଙ୍ଗି କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର, ସେହିପରି ଭୋଜନ ଉତ୍ତାରେ ସେ ପାନପତ୍ର ମଧ୍ୟ ଘେନି କହିଲେ ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ ତୁମ୍ଭେମାନେ ଯେତେଥର ଏଥିରୁ ପାନ କର । ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର । (୧ମ କରିନ୍ଥୀ ୧୧:୨୩-୨୫), ଉପାସନାରେ ଉପସ୍ଥିତ ନହୋଇ ଆମ୍ଭେମାନେ ପ୍ରଭୁଙ୍କ ଏହି ଆଜ୍ଞା କିପରି ପାଳନ କରିପାରିବା ?

୪) କରିନ୍ଥୀ ମଣ୍ଡଳୀକୁ ପାଉଲ କହନ୍ତି,"ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ । ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ । (୧ମ କରିନ୍ଥୀ ୧୬:୨) ଆମ୍ଭମାନଙ୍କ ଅଭିବୃଦ୍ଧି ଅନୁଯାୟୀ ଆମ୍ଭେମାନେ ସପ୍ତାହର ପ୍ରଥମ ଦିନରେ ଚାନ୍ଦା ଦେବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । ମଣ୍ଡଳୀ ଉପାସନାରେ ଯୋଗନଦେଇ ଆମ୍ଭେମାନେ କିପରି ଚାନ୍ଦା ଦେଇପାରିବା ?

୫) ଯେଉଁ ସ୍ଥାନରେ ଦୁଇ କି ତିନି ଜଣ ମୋ ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି। ପ୍ରଭୁଙ୍କ ଏହି ପ୍ରତିଜ୍ଞାନୁଯାୟୀ ସେ ପ୍ରତ୍ୟେକ ଉପାସନାରେ ଉପସ୍ଥିତ ଥାନ୍ତି। ଯେଉଁ ସଭାରେ ଦେଶର ପ୍ରଧାନମନ୍ତ୍ରୀ ଉପସ୍ଥିତ ଥାନ୍ତି ସେହି ସଭାରେ ଆପଣ ଉପସ୍ଥିତ ହେବାକୁ ଯେବେ ଇଚ୍ଛୁକ ତେବେ ଯେଉଁ ଉପାସନାରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଉପସ୍ଥିତ, ସେହି ସ୍ଥାନରେ ଉପସ୍ଥିତ ହେବା ନିମନ୍ତେ ଆପଣ କାହିଁକି କୁଣ୍ଠିତ ? ତ୍ରାଣକର୍ତ୍ତା ସ୍ୱୟଂ ଯୋଗଦାନ କରିବା ସଭାରେ ଆମ୍ଭେମାନେ ଅନୁପସ୍ଥିତ ରହି ତାହାଙ୍କ ସହିତ ସହଭାଗିତା କିପରି ରଖିପାରିବା ?

୬) ଖ୍ରୀଷ୍ଟିୟାନମାନେ ଏହି ଜଗତର ଆଲୋକ ଓ ଆଦର୍ଶ ଅଟନ୍ତି ଆମ୍ଭମାନଙ୍କ ପରିବାର, ବନ୍ଧୁବାନ୍ଧବ, ପ୍ରତିବାସୀମାନଙ୍କ ଅନୁକରଣ ନିମନ୍ତେ ଆମ୍ଭେମାନେ ଅନୁସରଣର ଏକ ନମୁନା। ସେମାନଙ୍କୁ ସତ୍‌ମାର୍ଗ ଦେଖାଇବା, ଆମ୍ଭମାନଙ୍କ କର୍ତ୍ତବ୍ୟ। ଥେସଲନୀୟ ଖ୍ରୀଷ୍ଟିୟାନମାନଙ୍କୁ ପାଉଲ କହନ୍ତି ପୁଣି ତୁମ୍ଭେମାନେ ବହୁ କ୍ଳେଶ ଭୋଗ ମଧ୍ୟରେ ପବିତ୍ର ଆତ୍ମାଙ୍କ ଦତ୍ତ ଆନନ୍ଦ ସହ ସେହି ବାକ୍ୟ ଗ୍ରହଣ କରି ଆମ୍ଭମାନଙ୍କୁ ଓ ପ୍ରଭୁଙ୍କର ଅନୁକାରୀ ହୋଇଥିଲେ, ଏପରିକି ତୁମ୍ଭେମାନେ ମାକିଦନିଆ ଓ ଅଖାୟା ନିବାସୀ ସମସ୍ତ ବିଶ୍ୱାସୀଙ୍କ ପ୍ରତି ଆଦର୍ଶ ସ୍ୱରୂପ ହୋଇଥିଲ। (୧ମ ଥେସ ୧:୬,୭)। ଆମ୍ଭମାନଙ୍କୁ ଅନୁସରଣ କରିବା ଦ୍ୱାରା ସେମାନେ ପ୍ରଭୁଙ୍କ ଅନୁସରଣ କରି ପରିବେ। ଆଦର୍ଶ ଜୀବନ କି ଆମ୍ଭେମାନେ ଯାପନ କରୁଅଛୁ ?

୭) ଆତ୍ମିକ, ସାମାଜିକ ସହଭାଗିତାର ଅଭିବୃଦ୍ଧି ନିମନ୍ତେ ଆମ୍ଭେମାନେ ମଣ୍ଡଳୀର ଉପାସନାରେ ଯୋଗ ଦେବାର ଏକ ମୁଖ୍ୟ କାରଣ। ଉପାସନାରେ ଯୋଗ ନଦେଇ ପରସ୍ପର କିପରି ସୁଖ ଦୁଃଖର ସହଭାଗୀ ହୋଇପାରିବା ? କିପରି ଏକକୁ ଆରେକ ଉତ୍ସାହିତ କରିପାରିବା ? ମଣ୍ଡଳୀ ଉପାସନାରେ ଯୋଗ ନଦେଲେ, ସଭ୍ୟମାନେ ଏକ ପରସ୍ପର ପରିଚିତ ହେବାର, କିଅବା, ସାହାଯ୍ୟ କରିବାରେ, କିଅବା ଏକକୁ ଆରେକ ସାହାଯ୍ୟ କରିବାରେ ଅକୃତକାର୍ଯ୍ୟ ହୁଅନ୍ତି। ଅପର ପକ୍ଷରେ, ଖ୍ରୀଷ୍ଟିୟାନମାନଙ୍କ ଆତ୍ମିକ ସାମାଜିକ ଅଭିବୃଦ୍ଧି ଅନେକ ପରିମାଣରେ ମଣ୍ଡଳୀ ଉପାସନାରେ ଯୋଗଦେବାରେ ନିର୍ଭର କରେ। ମଣ୍ଡଳୀର ସଭ୍ୟମାନେ ନିୟମିତ ଭାବେ ମଣ୍ଡଳୀ ଉପାସନାରେ ଯୋଗନଦେବା ପ୍ରତିଫଳେ ସେହି ମଣ୍ଡଳୀ କ୍ରମଶଃ ଲୁପ୍ତ ପାଏ। ପାଉଲ ଓ ଅନ୍ୟ ଭାଇମାନେ ସ୍ଥାନୀୟ ମଣ୍ଡଳୀମାନଙ୍କୁ ପରାମର୍ଶ କରିବାର ବିଷୟ ଆମ୍ଭେମାନେ ନୂତନ ନିୟମରେ ପଢ଼ିଥାଉଁ। କ୍ଳେଶ ଭୋଗ

ସତ୍ୟତା ବୁଝିପାରିଥିଲେ । ଶାଉଲ ଆପଣା ଭ୍ରାନ୍ତ ମନୋଭାବରୁ ମନପରିବର୍ତ୍ତିତ କରି ତାହାଙ୍କ ବଳକା ଜୀବନ ପୁନଃରୁତ୍ଥିତ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କଲେ । ତଦ୍ୱାରା ସେ ଆପଣାକୁ ସ୍ୱଜନ ଇହୁଦୀମାନଙ୍କ ଠାରୁ ପ୍ରାପ୍ତ ଗୌରବ ସମ୍ମାନ ବଞ୍ଚିତ କଲେ । ଯଦି ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ବିଶ୍ୱାସ କରିନଥାନ୍ତେ ତାହାଙ୍କ ଏହି ପରିବର୍ତ୍ତନ କି ସମ୍ଭବ ହୋଇଥାଆନ୍ତା ?

୧ମ କରିନ୍ଥୀ ୧୫:୧-୪ ପଦନୁଯାୟୀ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ଉତ୍ଥାନ ହିଁ ସୁସମାଚାର ଅଟେ । ତାହାଙ୍କ ମୃତ୍ୟୁ ସମାଧି ଓ ପୁନରୁତ୍ଥାନର ସାଦୃଶ୍ୟରେ ଜଳରେ ବାପ୍ତିଜିତ ହୋଇ ଜୀବନର ନୂତନଭାବରେ ଆଚରଣ କରିବାକୁ ସମାଧି ରୂପ ଜଳରୁ ପୁନଃରୁତ୍ଥିତ ହେଉ । (ରୋମୀୟ ୬ ପର୍ବ ଓ ୨ୟ କରିନ୍ଥୀ ୫:୧୭) ପଦ ପଢନ୍ତୁ । ପ୍ରକୃତ ଖ୍ରୀଷ୍ଟିୟାନ ଭାବେ ସପ୍ତାହର ପ୍ରଥମ ଦିନରେ ଆରାଧନା ନିମନ୍ତେ ଏକତ୍ରିତ ହୋଇ ତାହାଙ୍କ ପ୍ରଭୁ ଭୋଜରେ ଭାଗୀ ହୋଇ ତାହାଙ୍କ ମୃତ୍ୟୁ ସମାଧି ଓ ଉତ୍ଥାନ ସ୍ମରଣ କରୁ । ତାହାଙ୍କ ଶରୀରର ସାଦୃଶ୍ୟର ରୋଟୀ ଓ ରକ୍ତର ସାଦୃଶ୍ୟରେ ଦ୍ରାକ୍ଷାରସ ପାନ କରି, ତାହାଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁ ।

ଶେଷରେ ତାହାଙ୍କ ପୁନଃରୁତ୍ଥାନ ଦ୍ୱାରା ଆମ୍ଭମାନଙ୍କ ପୁନଃରୁତ୍ଥାନ ଭରସା ପ୍ରାପ୍ତ ହୋଇଅଛୁ । ଏଥିରେ ଚମତ୍କୃତ ହୁଅନାହିଁ କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି, ସେମାନେ ଜୀବନର ପୁନଃରୁତ୍ଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନଃରୁତ୍ଥାନ ନିମନ୍ତେ ବାହାର ହୋଇଆସିବେ, ଏପରି ସମୟ ଆସୁଅଛି । (ଯୋହନ ୫:୨୮,୨୯)

୧ମ କରିନ୍ଥୀ ୧୫ ଅଧ୍ୟାୟରେ ଖ୍ରୀଷ୍ଟଙ୍କ ଆଗମନରେ ମନୁଷ୍ୟମାନେ ପୁନଃରୁତ୍ଥିତ ହୋଇ ଏକ ଅନନ୍ତ ଆତ୍ମିକ ଶରୀରପ୍ରାପ୍ତ ହେବେ ବୋଲି କୁହାଯାଏ । ତାହାଙ୍କ ଦ୍ୱାରା ଧାର୍ମିକ ରୂପେ ବିଚାରିତ ହେବା ପ୍ରତ୍ୟେକ ତାହାଙ୍କ ସହିତ ଅନନ୍ତକାଳ ଯାଏ ବାସ କରିବେ ।

ଆପଣ କି ତାହାଙ୍କ ପୁନଃରୁତ୍ଥାନରେ ବିଶ୍ୱାସ କରନ୍ତି ?

**J.C. Choate**

❀❀❀

ଛିଣ୍ଡାଇ ଖାଇବାର ଦେଖି ଫାରୁଶୀମାନେ ନିନ୍ଦା କରିଥିଲେ, କାରଣ ସେଦିନ ବିଶ୍ରାମବାର ଥିଲା । କିନ୍ତୁ ଯୀଶୁ ସେମାନଙ୍କୁ କହିଲେ,"........ମନୁଷ୍ୟ ପୁତ୍ର ବିଶ୍ରାମବାରର ପ୍ରଭୁ ଅଟନ୍ତି ।" (ମାଥିଉ ୧୨:୮, ମାର୍କ ୮:୨୮)

ଯୀଶୁ, ଆମ୍ଭମାନଙ୍କ ପ୍ରଭୁଙ୍କ ପ୍ରକୃତି ଉପରେ ଅଧିକାର ଅଛି । ଥରେ ସେ ଏକ ଡିମିରିଗଛକୁ ନିକଟକୁ ଗଲେ, କିନ୍ତୁ ପତ୍ରଛଡ଼ା କିଛି ଫଳ ପାଇଲେ ନାହିଁ । ସେ କହିଲେ,"........ଆଉ କେବେ ହେଁ ତୋ ଠାରେ ଫଳ ନ ହେଉ । ସେଥିରେ ସେହିକ୍ଷଣି ସେହି ଡିମିରିଗଛ ଶୁଖିଗଲା ।" (ମାଥିଉ ୨୧:୧୯) ସେ ଓ ଶିଷ୍ୟମାନେ ସମୁଦ୍ରରେ ଯାତ୍ରା କରୁଥିବା ସମୟରେ ସମୁଦ୍ରରେ ତୁଫାନ ଉଠିଲା ଏବଂ ସେମାନଙ୍କ ନୌକା ବୁଡ଼ିବାକୁ ଲାଗିଲା । ସେଥିରେ ଶିଷ୍ୟମାନେ ତାଙ୍କୁ ଉଠାଇ କହିଲେ, "......ହେ ପ୍ରଭୁ, ରକ୍ଷା କରନ୍ତୁ, ଆମେ ମଲୁ ।........ସେ ଉଠି ପବନ ଓ ସମୁଦ୍ରକୁ ଧମକ ଦେଲେ, ଆଉ ସବୁ ଧୀର ସ୍ଥିର ହେଲା । ସେଥିରେ ଲୋକମାନେ ଚମତ୍କୃତ ହୋଇ କହିଲେ, ଏ କିପରି ବ୍ୟକ୍ତି ଯେ ପବନ ଓ ସମୁଦ୍ର ଉଭୟ ଏହାଙ୍କ ଆଜ୍ଞା ମାନନ୍ତି ।" (ମାଥିଉ ୮:୨୭) ଯୀଶୁଖ୍ରୀଷ୍ଟ ଥରେ ସମୁଦ୍ର ଜଳରେ ଉପରେ ଚାଲି, ସମୁଦ୍ର ମଧ୍ୟଭାଗରେ ଥିବା ନୌକା ନିକଟକୁ ଯାଇଥିଲେ । ସେ ଏହି ପ୍ରକୃତିର ପ୍ରଭୁ ଓ ଅଧିକାରୀ ଅଟନ୍ତି ।

ଯୀଶୁ ଆମ୍ଭମାନଙ୍କ ପ୍ରଭୁ, ସେ ଦୁଷ୍ଟ ଆତ୍ମାମାନଙ୍କୁ ତଡ଼ିଦେଇଥିଲେ । "......ପୁଣି, ଭୂତ ଛଡ଼ାଯାଆନ୍ତେ, ସେହି ମୂକ କଥା କହିଲା ସେଥିରେ ଲୋକ ସମୂହ ଚମତ୍କୃତ ହୋଇ କହିଲେ, ଇସ୍ରାଏଲ୍ ମଧ୍ୟରେ ଏପରି କେବେ ହେଁ ଦେଖାଯାଇ ନାହିଁ ।" (ମାଥିଉ ୯:୩୩) ଥରେ ଯୀଶୁ ଏକ ଅଶୁଚି ଆତ୍ମାକୁ ଧମକ ଦେଇ କହିଲେ,"ରେ ମୂକ ଓ ବଧିର ଆତ୍ମା, ମୁଁ ତୋତେ ଆଜ୍ଞା ଦେଉଅଛି । ଏହାଠାରୁ ବାହାରି ଯା, ପୁଣି ଆଉ କେବେ ହେଁ ଏହାଠାରେ ପଶିବୁ ନାହିଁ ।" (ମାର୍କ ୯:୨୫) ଅଶୁଚି ଆତ୍ମା ସୁଦ୍ଧା ତାହାଙ୍କୁ ସ୍ୱୀକାର କରି କହିଲେ, ".......ତୁମ୍ଭେ କିଏ, ତାହା ମୁଁ ଜାଣେ, ତୁମ୍ଭେ ଈଶ୍ୱରଙ୍କର ସେହି ପବିତ୍ର ବ୍ୟକ୍ତି ।" (ମାର୍କ ୧:୨୪) ଯୀଶୁଙ୍କୁ ମନୁଷ୍ୟର ଅସୁସ୍ଥତା ଉପରେ ଅଧିକାର ଅଛି । ପରେ ଯୀଶୁ ସେମାନଙ୍କ ସମାଜଗୃହ ସମୂହରେ ଶିକ୍ଷା ଦେଇ ରାଜ୍ୟର ସୁସମାଚାର ଘୋଷଣା କରି, ଏବଂ ଲୋକଙ୍କର ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରି, ସମୁଦାୟ ଗାଲିଲୀର ଭ୍ରମଣ କରିବାକୁ ଲାଗିଲେ ।" (ମାଥିଉ ୪:୨୩) ଯୀଶୁ ଅନ୍ଧକୁ ଚକ୍ଷୁ, ବଧିରକୁ ଶ୍ରବଣ ଶକ୍ତି, କୁଷ୍ଠ ରୋଗୀକୁ ସମ୍ପୂର୍ଣ୍ଣ ଆରୋଗ୍ୟ ପ୍ରଦାନ କରିଥିଲେ । ଯେହେତୁ ସେ ମନୁଷ୍ୟ ଶରୀରର ସୃଷ୍ଟିକର୍ତ୍ତା ଅଟନ୍ତି ।

ଯୀଶୁ ଆମ୍ଭମାନଙ୍କ ପ୍ରଭୁ, ତାଙ୍କୁ ଜଗତରେ ପାପକ୍ଷମା କରିବାକୁ ଅଧିକାର

ଥିଲା । ଛାତ ଖୋଲି ତାହାଙ୍କ ନିକଟକୁ ଓହ୍ଲାଇ ଦେଇଥିବା ପକ୍ଷପାତ ରୋଗୀକୁ ସେ କହିଲେ,"......ବସ୍ତ, ତୁମ୍ଭର ପାପସବୁ କ୍ଷମା କରାଗଲା ।" (ମାର୍କ ୨:୫) । ବ୍ୟଭିଚାରରେ ଧୃତା ଏକ ସ୍ତ୍ରୀକୁ ଶାସ୍ତ୍ରୀ ଓ ଫାରୁଶୀ ପଥର ଫୋପାଡ଼ି ମାରିବା ନିମନ୍ତେ ତାହାଙ୍କ ନିକଟକୁ ଆଣିଲେ । ସେଥିରେ ସେ ସେମାନଙ୍କୁ କହିଲେ,"......ତୁମ୍ଭମାନଙ୍କ ମଧ୍ୟରେ ଯେ ନିଷ୍ପାପ, ସେ ପ୍ରଥମରେ ତାଙ୍କୁ ପଥର ଫୋପାଡୁ ।" (ଯୋହନ ୮:୭) । ସେଥିରେ ବଡ଼ଠାରୁ ଆରମ୍ଭ କରି ଜଣେ ଜଣେ ସେ ସ୍ଥାନରୁ ବାହାରିଗଲେ । ଯୀଶୁ ସେ ସ୍ତ୍ରୀକୁ କହିଲେ,"......ମୁଁ ମଧ୍ୟ ତୁମ୍ଭକୁ ଦଣ୍ଡନୀୟ ବୋଲି ବିଚାର କରୁନାହିଁ, ଯାଅ, ଆଜିଠାରୁ ଆଉ ପାପ କରନାହିଁ ।" (ଯୋହନ ୮:୧୧) "......ଦେଖ, ତୁମ୍ଭେ ସୁସ୍ଥ ହୋଇଅଛ, ଆଉ ପାପ କରନାହିଁ, ଯେପରି ତୁମ୍ଭ ପ୍ରତି ଅଧିକ ଦୁର୍ଦ୍ଦଶା ନ ଘଟେ ।" କହି ସେ ୩୮ ବର୍ଷ ଧରି ପକ୍ଷାପାତ ରୋଗୀକୁ ସୁସ୍ଥ କରିଥିଲେ (ଯୋହନ ୫:୧୪) । ଆମ୍ଭମାନଙ୍କ ପ୍ରଭୁଙ୍କୁ ଏହି ଜଗତରେ ପାପକ୍ଷମା କରିବାକୁ ଅଧିକାର ଅଛି । ଆମ୍ଭେମାନେ ତାହାଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଆମ୍ଭମାନଙ୍କ ପାପରୁ ମୁକ୍ତ ହେଉ ।

ଯୀଶୁ, ଆମ୍ଭମାନଙ୍କ ପ୍ରଭୁ, ସେ ଯାଇରସଙ୍କ ବାରବର୍ଷୀୟ କନ୍ୟାଙ୍କୁ, ନାଇନ ନଗରର ବିଧବାର ପୁତ୍ରଙ୍କୁ ଏବଂ ଲାଜରଙ୍କୁ ମୃତ୍ୟୁରୁ ଉଠାଇଥିଲେ । ସେ ଜୀବନଦାତା ଓ ସୃଷ୍ଟିକର୍ତ୍ତା ଅଟନ୍ତି । ତାହାଙ୍କ ଦ୍ୱାରା ଏବଂ ତାହାଙ୍କ ନିମନ୍ତେ ସମସ୍ତ ସୃଷ୍ଟ ହୋଇଅଛି । "ମୁଁ ପୁନଃରୁଥାନ ଓ ଜୀବନ, ଯେ ମୋ' ଠାରେ ବିଶ୍ୱାସ କରେ, ତଥାପି ସେ ବଞ୍ଚିବ ।" (ଯୋହନ ୧୧:୨୫)

ସେ ଅନ୍ତ ଜୀବନର କର୍ତ୍ତା ଅଟନ୍ତି । ପାଉଲ କହନ୍ତି,"ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ, ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି । ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ । ପୁଣି, ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ ।" (ଫିଲିପି ୨:୮-୧୧) । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଉପସ୍ଥିତ ଜନତାକୁ ପିତର ଯୀଶୁଙ୍କ ବିଷୟରେ ପ୍ରଚାର କରି କହିଲେ,"ଅତଏବ, ସମସ୍ତ ଇଶ୍ରାଏଲ ନିଶ୍ଚୟ ଜାଣନ୍ତୁ ଯେ, ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ ବଧ କଲେ, ତାହାଙ୍କୁ ଈଶ୍ୱର ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି ।" (ପ୍ରେରିତ ୨:୩୬) । ସେ ଯିହୂଦୀମାନଙ୍କ ପ୍ରଭୁ ଓ ବିଜାତୀୟମାନଙ୍କ ପ୍ରଭୁ ଅଟନ୍ତି । "........ସେହି ଯୀଶୁ ଖ୍ରୀଷ୍ଟ ସମସ୍ତଙ୍କର ପ୍ରଭୁ ।"

ନିକଟରୁ ପଳାଇଯିବ।" (ଯାକୁବ ୪:୭)। "ମୁଁ ଯେପରି ତୁମ୍ଭ ବିରୁଦ୍ଧରେ ପାପ ନକରେ, ଏଥିପାଇଁ ମୁଁ ଆପଣା ହୃଦୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି।" (ଗୀତ ୧୧୯:୧୧) ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ଦ୍ୱାରା, ଶୟତାନର ପ୍ରତିବାଧା କରୁ, ନଚେତ ସେ ଆମ୍ଭମାନଙ୍କୁ ଗ୍ରାସ କରିବ । (୧ମ ପିତର ୫:୮)

ଖ୍ରୀଷ୍ଟ ଏ ଜଗତରେ ଥିବା ସମୟରେ ସେ ଅନେକ ସମୟ ପ୍ରାର୍ଥନାରେ ବିତାଉଥିଲେ । ସେ ରାତି ପାହାନ୍ତିଆ ସମୟରେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ । (ମାର୍କ ୧:୫୭-୩୭) । ଆପଣା ନିମନ୍ତେ ଶିଷ୍ୟ ମନୋନୀତ କରିବା ପୂର୍ବରାତି ସାରା ପ୍ରାର୍ଥନାରେ ବିତାଇଥିଲେ । (ଲୂକ ୬:୧୨) । ବେଳେ ବେଳେ ସେ ଦିନସାରା ପ୍ରାର୍ଥନା କରୁଥିଲେ । (ଲୂକ ୬:୪୫,୪୬) । ଯୀଶୁ ଓ ତାହାଙ୍କ ଶିଷ୍ୟଗଣ ନିରନ୍ତର ପ୍ରାର୍ଥନା କରୁଥିଲେ ଓ ଆମ୍ଭମାନଙ୍କୁ ପ୍ରାର୍ଥନା କରିବା ନିମନ୍ତେ ଉତ୍ସାହିତ କରନ୍ତି । ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିପାରୁ ଓ ଆମ୍ଭମାନଙ୍କ ଆତ୍ମିକ ଜୀବନ ସୁଦୃଢ଼ ହୋଇଥାଏ ।

ଯୀଶୁଖ୍ରୀଷ୍ଟ ଦୟାର ସାଗର ଅଟନ୍ତି । ପିତର କହନ୍ତି, "......ସେ ମଙ୍ଗଳସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ ସର୍ବତ୍ର ଭ୍ରମଣ କଲେ........" (ପ୍ରେରିତ ୧୦:୩୮) । ମାର୍କ ୬:୩୪ ଲେଖାଯାଏ, "ନୌକାରୁ ବାହାରି ବହୁ ସଂଖ୍ୟକ ଲୋକଙ୍କୁ ଦେଖି ସେମାନଙ୍କ ପ୍ରତି ଦୟାରେ ବିଗଳିତ ହେଲେ, କାରଣ ସେମାନେ ଆରକ୍ଷକ ମେଷ ପରି ଥିଲେ, ପୁଣି, ସେ ସେମାନଙ୍କୁ ଅନେକ ବିଷୟ ଶିକ୍ଷା ଦେବାକୁ ଲାଗିଲେ, "ଆଉ ଯୀଶୁ ଆପଣା ଶିଷ୍ୟମାନଙ୍କୁ ନିକଟକୁ ଡାକି କହିଲେ, ଏହି ଲୋକସମୂହ ପ୍ରତି ମୋହର ଦୟା ହେଉଅଛି, ଅନାହାରରେ ବିଦାୟ ଦେବାକୁ ମୋହର ଇଚ୍ଛା ନାହିଁ । (ମାଥିଉ ୧୫:୩୨) ଯୀଶୁଖ୍ରୀଷ୍ଟଙ୍କ ଠାରୁ ତାଙ୍କର ଦୟାଗୁଣ ଶିକ୍ଷା କରୁ ।

ଯୀଶୁଖ୍ରୀଷ୍ଟ ଈଶ୍ୱର ସ୍ୱରୂପୀ ହେଲେ ହେଁ, ଆପଣାକୁ ନତ କରି ଶୂନ୍ୟ କରି ଏହି ଜଗତରେ ଅବତରଣ କରି ଆମ୍ଭମାନଙ୍କ ପାପଭାର ବହନ କଲେ । ତେଣୁକରି ପିତା ଈଶ୍ୱର ତାହାଙ୍କୁ ସର୍ବୋତ୍କୃଷ୍ଟ ନାମ ପ୍ରଦାନ କରିଅଛନ୍ତି । "ସେ ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ" (ଏବ୍ରୀ ୫:୮,୯) ଖ୍ରୀଷ୍ଟଙ୍କ ସ୍ୱରୂପ ଆମ୍ଭେମାନେ ଈଶ୍ୱରଙ୍କ ଆଜ୍ଞା ସକଳର ଆଜ୍ଞାବହ ହେଲେ ଆନନ୍ତ ଶାସ୍ତିରୁ ଆପଣାକୁ ବଞ୍ଚାଇ ପାରିବା ।

ପ୍ରେରିତ ଯୋହନ କହନ୍ତି, "ଯୀଶୁ ଆହୁରି ଅନେକ ଅନେକ କର୍ମ ସାଧନ

କରିଥିଲେ, ସେହିସବୁ ଯଦି ଗୋଟି ଗୋଟି କରି ଲେଖାଯାଇଥାନ୍ତା, ତାହା ହେଲେ ଏତେ ପୁସ୍ତକ ହୁଅନ୍ତା ଯେ, ମୋହର ବିଚାରରେ ସମୁଦାୟ ଜଗତରେ ସୁଦ୍ଧା ସେହିସବୁ ରଖିବା ନିମନ୍ତେ ସ୍ଥାନ ହୁଅନ୍ତା ନାହିଁ (ଯୋହନ ୨୧:୨୫) । "ଆତ୍ମା ଓ କନ୍ୟା କହନ୍ତି, ଆସ । ଶୁଣି ଯେ ଶୁଣେ, ସେ କହୁ ଆସ । ଯେ ତୃଷାର୍ତ୍ତ ସେ ଆସୁ, ଯେ ଇଚ୍ଛା କରେ, ସେ ବିନାମୂଲ୍ୟରେ ଜୀବନଦାୟକ ଜଳପାନ କରୁ ।" (ପ୍ରକାଶିତ ୨୨:୧୭) । ଆସ, ଆମ୍ଭେମାନେ ସମୟ ଥାଉଁ ତାହାଙ୍କ ଆହ୍ୱାନ ଗ୍ରହଣ କରି, ତାହାଙ୍କ ନିକଟବର୍ତ୍ତୀ ହେଉ ।

**- Kabita Gootam**

❋❋❋

## ଆଧୁନିକ ମନୁଷ୍ୟ କି ପରଭାଷା କହିପାରେ ?
## (Can men speak in Tounges Today ?)

ଅନେକ ପ୍ରକାର ଲୋକେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇ ପରଭାଷାରେ କଥା କହିପାରନ୍ତି ବୋଲି ଦାବୀ କରିଥାନ୍ତି । ଏହି ଶକ୍ତି ସେମାନଙ୍କୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଦତ୍ତ ହୋଇଅଛି ବୋଲି ସେମାନଙ୍କ ବିଶ୍ୱାସ । ଏହି ବିଷୟରେ ବାଇବଲ ବାକ୍ୟ କଅଣ କହେ ?...

ସର୍ବପ୍ରଥମେ, ପରଭାଷା (Tongue)ର ଅର୍ଥ କଅଣ ? ଗ୍ରୀକ୍ ଭାଷାର 'GLOSSA' ପଦକୁ ନୂତନ ନିୟମର Tongue ବା ପରଭାଷା ବୋଲି ଅନୁବାଦିତ କରାଯାଏ ଯାହାର ଅର୍ଥ ବକ୍ତୃତା ଭାଷା, ପରଭାଷା ପ୍ରଭୃତି । ନୂତନ ନିୟମ ସମୟରେ ଉଚ୍ଚାରିତ ପରଭାଷା ମନୁଷ୍ୟମାନଙ୍କ ଦ୍ୱାରା ଅବୁଝା ନଥିଲା । କିନ୍ତୁ କୌଣସି ଏକ ବର୍ଗ ବା ଜାତି, ଗୋଷ୍ଠୀର ଭାଷା ଥିଲା ବୋଲି ବାଇବଲ ବାକ୍ୟ ସୁସ୍ପଷ୍ଟ କରେ । ଏହା ପ୍ରମାଣ ଆମ୍ଭେମାନେ ପ୍ରେରିତ ୨:୪-୬ରେ ପଢ଼ିପାରୁ । ଯାହା କହେ, ସେଥିରେ ସମସ୍ତ ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି, ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ । ଏହି ସମୟରେ ଆକାଶର ନିମ୍ନସ୍ଥିତ ପ୍ରତ୍ୟେକ ଜାତିରୁ ଆଗତ ହୋଇ ଯିରୂଶାଲମରେ ବାସ କରୁଥିବା ଭକ୍ତ ଯିହୁଦୀମାନେ ସେ ପାଖରେ ଥିଲେ, ଆଉ ସେହି ଶବ୍ଦ ହୁଅନ୍ତେ, ବହୁ ଜନତା ଏକତ୍ର

୪) "ସେଥିରେ ସେ ଉତ୍ତର ଦେଲେ, ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ଏହା ମୁଁ ବିଶ୍ୱାସ କରୁଅଛି।" (ପ୍ରେରିତ ୮:୩୭)

୫) "........ଆଉ ଫିଲିପ ଓ ନପୁଂସକ ଉଭୟ ଜଳ ଭିତରକୁ ଓହ୍ଲାଇଗଲେ, ଆଉ ଫିଲିପ ତାଙ୍କୁ ବାପ୍ତିସ୍ମ ଦେଲେ ।" (୮:୩୮)

୬) "ସେମାନେ ଜଳ ମଧ୍ୟରୁ ଉଠି ଆସନ୍ତେ, ପ୍ରଭୁଙ୍କର ଆତ୍ମା ଫିଲିପଙ୍କୁ ଘେନିଗଲେ, ପୁଣି ନପୁଂସକ ତାଙ୍କୁ ଆଉ ଦେଖିଲେ ନାହିଁ, ତଥାପି ସେ ଆନନ୍ଦ କରୁ କରୁ ଆପଣା ପଥରେ ଚାଲିଗଲେ ।" (୮:୩୯)

## III. ଆପଣଙ୍କ ନପୁଂସକ ସଦୃଶ୍ୟ ବାପ୍ତିଜିତ ହୋଇଅଛନ୍ତି ? "ପ୍ରଭୋ, ମୁଁ କଅଣ କରିବି ?" (ପ୍ରେରିତ ୯:୬)

୧) ଶାଉଲ, ଯଦ୍ୟପି ସାଧୁ, ନମ୍ର ଓ ଧାର୍ମିକ ଥିଲେ, ତଥାପି ସେ ପରିତ୍ରାଣ ପ୍ରାପ୍ତ ହୋଇନଥିଲେ । (ପ୍ରେରିତ ୨୬:୫) ।

୨) ସେ ଶିଷ୍ୟମାନଙ୍କ ବିରୁଦ୍ଧରେ ଭୟ ଓ ପ୍ରାଣନାଶକ କଥା କହି ସେମାନଙ୍କୁ ଭୟକ୍ରାନ୍ତ କରୁଥିଲେ । (ପ୍ରେରିତ ୯:୧)

୩) ସେ ଦମେସକକୁ ଯାତ୍ରା କରୁଥିବା ସମୟରେ, ଅକସ୍ମାତ୍ ଆକାଶରୁ ଆଲୋକ ତାଙ୍କ ଚାରିଆଡ଼େ ଚମକି ଉଠିଲା । (୯:୩)

୪) "ସେଥିରେ ସେ ଭୂମିରେ ପଡ଼ିଯାଇ ତାଙ୍କ ପ୍ରତି ଉକ୍ତ ଏହି ବାଣୀ ଶୁଣିଲେ, ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭକୁ ତାଡ଼ନା କରୁଅଛ ?" (୯:୪)

୫) "ସେ କହିଲେ, ହେ ପ୍ରଭୁ, ଆପଣ କିଏ ?" (୯:୫) ଏଠାରେ ଶାଉଲ, ପ୍ରଭୁଙ୍କ ଠାରେ ବିଶ୍ୱାସ କରିଥିଲେ ।

୬) "......ଯାହାକୁ ତୁମ୍ଭେ ତାଡ଼ନା କରୁଅଛ, ଆମ୍ଭେ ସେହି ଯୀଶୁ ।" (ପ୍ରେରିତ ୯:୬)

୭) ଭୟକ୍ରାନ୍ତ ଶାଉଲ, ତାଙ୍କୁ କଅଣ କରିବାକୁ ପଡ଼ିବ ଯୀଶୁଙ୍କୁ ପଚାରିଥିଲେ, କାରଣ ସେ ସେତେବେଳ ପର୍ଯ୍ୟନ୍ତ ବାପ୍ତିଜିତ ହୋଇନଥିଲେ ।

୮) "କିନ୍ତୁ ଉଠ, ନଗରରେ ପ୍ରବେଶ କର, ଆଉ ତୁମ୍ଭକୁ କଅଣ କରିବାକୁ ହେବ, ତାହା କୁହାଯିବ ।" (୯:୬) ଡାମସକର ପଥରେ ସେ ପରିତ୍ରାଣ ପାଇନଥିଲେ ବୋଲି ଏହି ବାକ୍ୟ ସୁସ୍ପଷ୍ଟ କରେ ।

୯) "ସେ ତିନିଦିନ ପର୍ଯ୍ୟନ୍ତ ଦୃଷ୍ଟିହୀନ ହୋଇ ରହିଲେ, ଆଉ କିଛି ଖାଇଲେ ନାହିଁ କି ପିଇଲେ ନାହିଁ ।" (ପ୍ରେରିତ ୯:୯) ଶାଉଲ ଆପଣା ପାପ ବିଷୟରେ ମନ ପରିବର୍ତ୍ତନ କରିଥିଲେ, (ଲୁକ ୧୩:୩)

୧୦) ହନନିୟ ନାମକ ଦାମେସକର ଏକ ଶିଷ୍ୟ ଖ୍ରୀଷ୍ଟଙ୍କ ଆଦେଶନୁଯାୟୀ ତାହାଙ୍କ ନିକଟକୁ ଆସି କହିଲେ,"ଆଉ, ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇପକାଅ ।" (ପ୍ରେରିତ ୨୨:୧୬)

୧୧) ଶାଉଲ ସୁସମାଚାର ଶ୍ରବଣ କଲେ, ବିଶ୍ୱାସ କଲେ, ଆପଣା ପାପରୁ ମନ ପରିବର୍ତ୍ତନ କରି, ନପୁଂସକ ସଦୃଶ୍ୟ ପାପକ୍ଷମା ନିମନ୍ତେ ବାପ୍ତିଜିତ ହୋଇଥିଲେ ।

୧୨) ପେଣ୍ଟିକଷ୍ଟ ଦିନର ଜନତା ଓ ନପୁଂସକ ସଦୃଶ୍ୟ ଶାଉଲ ପରିତ୍ରାଣ ପ୍ରାପ୍ତ ହୋଇଥିଲେ । (ପ୍ରେରିତ ୨ ଓ ୮ମ ଅଧ୍ୟାୟ)

ଶାଉଲଙ୍କ ସଦୃଶ୍ୟ ଆପଣ କି ବାପ୍ତିଜିତ ହୋଇ ପରିତ୍ରାଣ ପ୍ରାପ୍ତ ହୋଇଅଛନ୍ତି ?

## IV. "....ମହାଶୟମାନେ, ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ହେବ ?" (ପ୍ରେରିତ ୧୬:୩୩)

୧) ପାଉଲ ଓ ଶୀଲା ବନ୍ଦୀ ହୋଇ ଫିଲିପପୀ କାରାଗାରରେ ଥିଲେ । (ପ୍ରେରିତ ୧୬:୨୩)

୨) ମଧ୍ୟରାତ୍ରରେ ସେମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ (୧୬:୨୫)

୩) "ହଠାତ୍ ଏପରି ମହା ଭୂମିକମ୍ପ ହେଲା ଯେ, କାରାଗାରର ଭିତ୍ତିମୂଳ କମ୍ପିବାକୁ ଲାଗିଲା, ଆଉ ତତ୍‌କ୍ଷଣାତ୍ ସମସ୍ତ ଦ୍ୱାର ମେଲା ହୋଇଗଲା, ପୁଣି ପ୍ରତ୍ୟେକ ଜଣର ବନ୍ଧନ ଫିଟିଗଲା ।" (୨୬ମ)

୪) "ଏଥିରେ କାରା ରକ୍ଷକ ନିଦ୍ରାରୁ ଉଠି କାରାଗାରର ଦ୍ୱାର ମେଲା ହେବା ଦେଖି ବନ୍ଦୀମାନେ ପଳାଇଯାଇ ଅଛନ୍ତି ବୋଲି ମନେ କରି, ଖଣ୍ଡା ବାହାର କରି ଆପଣାକୁ ବଧ କରିବାକୁ ଯାଉଥିଲେ ।" (୨୭ମ)

୫) "କିନ୍ତୁ ପାଉଲ ଉଚ୍ଚସ୍ୱରରେ ଡାକି କହିଲେ, ଆପଣାର କୌଣସି କ୍ଷତି କର ନାହିଁ, ଆମ୍ଭେମାନେ ସମସ୍ତେ ଏଠାରେ ଅଛୁ ।" (୨୮ମ ପଦ)

୬) "ସେଥିରେ ସେ ଦୀପ ଆଣିବାକୁ କହି ଡେଇଁପଡ଼ି ଭୟରେ ଥରି ଥରି ପାଉଲ ଓ ଶୀଲାଙ୍କର ସମ୍ମୁଖରେ ପଡ଼ିଗଲେ । ଆଉ ସେମାନଙ୍କୁ ଆଣି କହିଲେ, ମହାଶୟମାନେ, ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ହେବ ?"

ଆମ୍ଭମାନଙ୍କ ହସ୍ତରେ ଅଛି । ଏହା ଆମ୍ଭମାନଙ୍କ ସମସ୍ତ ସତ୍ୟରେ କଢ଼ାଇ ନେବାକୁ ସକ୍ଷମ । ଏଥିରେ ଲିଖିତ, ଅମର, ଅକ୍ଷୟ, ଅମୂଲ୍ୟ ବାକ୍ୟ ପ୍ରକୃତ ଖ୍ରୀଷ୍ଟିୟାନ ଜୀବନଯାପନ କରିବାରେ ଓ ସ୍ୱର୍ଗ ଆମ୍ଭମାନଙ୍କ ନିତ୍ୟ ନିବାସ କରିବାରେ ସାହାଯ୍ୟ କରିବ ।

**- Rod Rutherford**

❀❀❀

## ଆମ୍ଭେମାନେ କିପରି ପାପକରୁ ?
## (How We Sin?)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁଭୋଗ କରିବା ପୂର୍ବରାତିରେ ତାହାଙ୍କ ସ୍ୱର୍ଗାରୋହଣ ପରେ ସେ ସତ୍ୟମୟ ସାହାଯ୍ୟକାରୀ ପବିତ୍ର ଆତ୍ମାଙ୍କ ଏହି ଜଗତକୁ ପ୍ରେରଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ଯେଉ ଆତ୍ମା ଏହି ଜଗତକୁ ପାପ ବିଷୟରେ ପ୍ରମାଣଦେବେ । (ଯୋହନ ୧୬:୭-୧୧) ପାପୀ ମନୁଷ୍ୟ ପାପ ତଥା ତାହାର ଫଳାଫଳ ବିଷୟରେ ଅଜ୍ଞାତ । ପାପର ଫଳାଫଳର ଅଜ୍ଞାତ ମନୁଷ୍ୟ ପାପ କରି ଚାଲିଥାଏ । ସେଥିରୁ ମୁକ୍ତ ହେବା ନିମନ୍ତେ ମନୁଷ୍ୟଙ୍କ ପାପ କଅଣ ଜାଣିବା ଆବଶ୍ୟକ ।

ପ୍ରେମମୟ ପରମପିତାଙ୍କ ଅନାଜ୍ଞାବହ ହେବା ହିଁ ପାପ କରିବା କାରଣ ବାକ୍ୟ କହେ, ''ବ୍ୟବସ୍ଥା ଲଙ୍ଘନ ହିଁ ପାପ'' ପାପର ଗ୍ରୀକ୍ ପଦ "Amartia" ଯାହାର ଅର୍ଥ ''ଲକ୍ଷ୍ୟଚ୍ୟୁତ'' ହେବା । ପରମେଶ୍ୱରଙ୍କ ଇଚ୍ଛା ପାଳନ ନ କରିବା ଦ୍ୱାରା ଆମ୍ଭେମାନେ ଲକ୍ଷ୍ୟଚ୍ୟୁତ ହେଉ ।

ପାପର ଭୟଙ୍କର ଫଳାଫଳ ଏହି ମନୁଷ୍ୟ ଜଗତ ବୁଝିବା ନିତାନ୍ତ ଆବଶ୍ୟକ । ପରମେଶ୍ୱର ପାପୀକୁ ପ୍ରେମ ଓ ପାପକୁ ଘୃଣା କରନ୍ତି । ଧର୍ମମୟ ପରମେଶ୍ୱରଙ୍କ ଶାସନରେ ପ୍ରତ୍ୟେକ ପାପୀ ଶାସ୍ତି ଭୋଗେ । ପାପ ବିନାଶ ଆଣେ । ବାକ୍ୟ କହେ, ''ପାପର ବେତନ ମୃତ୍ୟୁ'' (ରୋମୀୟ ୬:୨୩) । ଆମ୍ଭମାନଙ୍କ କୃତ ପାପ ଆମ୍ଭମାନଙ୍କ ଆମ୍ଭମାନଙ୍କ ପିତା ପରମେଶ୍ୱରଙ୍କ ଠାରୁ ବିଚ୍ଛେଦ କରେ । ସମସ୍ତ ଅନର୍ଥର ମୂଳ କାରଣ ପାପ । ଏଦନ ଉଦ୍ୟାନରୁ ଆରମ୍ଭ କରି, ପାପର ଭୟଙ୍କର ପ୍ରଭାବ ବର୍ତ୍ତମାନ ପର୍ଯ୍ୟନ୍ତ ମନୁଷ୍ୟ ସମାଜକୁ ଜାବୁଡ଼ି ଧରିଅଛି ।

# "...ସମସ୍ତଙ୍କ ନିକଟରେ ମୁଁ ଋଣୀ"

ପାଉଲ, ରୋମୀୟ ୧:୧୪-୧୬ ପଦରେ ଲେଖନ୍ତି,"ଗ୍ରୀକ୍ କି ବର୍ବର ଶିକ୍ଷିତ କି ଅଶିକ୍ଷିତ, ସମସ୍ତଙ୍କ ନିକଟରେ ମୁଁ ଋଣୀ, ଅତଏବ, ରୋମବାସୀ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ନିକଟରେ ମଧ୍ୟ ସୁସମାଚାର ପ୍ରଚାର କରିବାକୁ ମୁଁ ଇଚ୍ଛୁକ ଅଟେ । କାରଣ ମୁଁ ସୁସମାଚାର, ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ, ଯିହୂଦୀ ପକ୍ଷରେ, ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ ।"

ପ୍ରସିଦ୍ଧ ପ୍ରେରିତ ପାଉଲ ଆପଣାକୁ ଶିକ୍ଷିତ ଓ ଅଶିକ୍ଷିତ, ଗ୍ରୀକ୍ ଓ ବର୍ବର ପ୍ରତ୍ୟେକ ନିକଟରେ ଆପଣାକୁ ଋଣୀ ମଣନ୍ତି । ସେ କିପରି ସେମାନଙ୍କ ନିକଟରେ ଋଣୀ ଅଟନ୍ତି ? ସେମାନଙ୍କ ଠାରୁ ଧାର ନେଇ କି ସେ ସୁଝି ନାହାନ୍ତି ? ନୁହେଁ । କିନ୍ତୁ ସେ ଈଶ୍ୱରଙ୍କ ଶକ୍ତିରୂପ ସୁସମାଚାର ସେମାନଙ୍କ ନିକଟରେ ପ୍ରଚାର କରିବାକୁ ଋଣୀ ଅଟନ୍ତି ।

ସତ୍ୟର ସ୍ତମ୍ଭରୂପ ଖ୍ରୀଷ୍ଟଙ୍କ ମଣ୍ଡଳୀର ପ୍ରତ୍ୟେକ ସଭ୍ୟ, ପାଉଲଙ୍କ ସଦୃଶ୍ୟ ଅନ୍ୟମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ଋଣୀ ଅଟେ । କାରଣ ଯୀଶୁଙ୍କ ବିଷୟକ ସତ୍ୟ ମନୁଷ୍ୟମାନଙ୍କୁ ମୁକ୍ତ କରେ । (ଯୋହନ ୮:୩୨) ମନୁଷ୍ୟମାନେ ସତ୍ୟ ବିଷୟକ ଜ୍ଞାନପ୍ରାପ୍ତ ହୋଇ, ତାହା ପାଳନ କରିବା ପର୍ଯ୍ୟନ୍ତ ମୁକ୍ତ ନୁହନ୍ତି । କାରଣ ରୋମୀୟ ୬:୧୭ରେ ଲେଖାଯାଏ,"କିନ୍ତୁ ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ତୁମ୍ଭେମାନେ, ଯେଉଁମାନେ କି ପୂର୍ବରେ ପାପର ଦାସ ଥିଲ, ଏବେ ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛ, ହୃଦୟ ସହ ସେଥିର ଆଜ୍ଞାବହ ହୋଇଅଛ, ପୁଣି ପାପରୁ ମୁକ୍ତ ହୋଇ ଧାର୍ମିକତାର ଦାସ ହୋଇଅଛ ।"

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଅନ୍ୟମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ଋଣୀ ଅଟେ । ସର୍ବସୃଷ୍ଟିରେ ସୁସମାଚାର ପ୍ରଚାର କରିବା ଆମର କର୍ତ୍ତବ୍ୟ ଅଟେ । ପିତା ପରମେଶ୍ୱର ଯେପରି ମନୁଷ୍ୟମାନଙ୍କ ମୁଖପେକ୍ଷା କରନ୍ତି ନାହିଁ, ଆମ୍ଭେମାନେ ସେହିପରି ମନୁଷ୍ୟମାନଙ୍କ ମୁଖପେକ୍ଷା ନକରୁ ।

ସର୍ବପ୍ରଥମେ ଆମ୍ଭେମାନେ ପିତା ପରମେଶ୍ୱର ଓ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ନିକଟରେ ଋଣୀ ଅଟୁ । "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରକୁ ଦାନ କଲେ, ଯେପରି ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।" (ଯୋହନ ୩:୧୬) "ସେ ପ୍ରଥମେ ଆମ୍ଭମାନଙ୍କୁ

ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କରୁ ।'' (୧ମ ଯୋହନ ୪:୧୯) କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।'' (ରୋମୀୟ ୫:୮)

ଆମ୍ଭେମାନେ ଏକକୁ ଆରେକ ପ୍ରେମ କରିବାରେ, ଗୌରବ ଦେବାରେ ଋଣୀ ଅଟୁ । ତୁମ୍ଭେମାନେ ସତ୍ୟର ଆଜ୍ଞାବହ ହୋଇ ନିଷ୍କଣ୍ଟକ ଭାତୃପ୍ରେମ ନିମନ୍ତେ ଆପଣା ଆପଣା ଆତ୍ମାକୁ ଶୁଚି କରିଥିବାରୁ ଅନ୍ତରର ସହ ଏକାଗ୍ରଭାବେ ପରସ୍ପରକୁ ପ୍ରେମ କର । (୧ମ ପିତର ୧:୨୨) ପ୍ରେମ କରିବାକୁ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ । ''......ଭାଇମାନଙ୍କୁ ପ୍ରେମ କର ।'' (୧ମ ପିତର ୨:୧୭)

ଖ୍ରୀଷ୍ଟଙ୍କ କନ୍ୟାରୂପ ମଣ୍ଡଳୀକୁ ଗୌରବ ଦେବାରେ ଆମ୍ଭେମାନେ ଋଣୀ ଅଟୁ । ଈଶ୍ୱରଙ୍କ ବାକ୍ୟ ଲିଖିତ ଭାବେ ପ୍ରଦାନ କରିଥିବା ପବିତ୍ର ଆତ୍ମାଙ୍କ ନିକଟରେ ଆମେ ଋଣୀ ଅଟୁ । ଈଶ୍ୱରଙ୍କ ବାକ୍ୟକୁ ଅନ୍ୟାନ୍ୟ ଭାଷାରେ ଅନୁବାଦ କରିଥିବା ଭାଇମାନଙ୍କ ନିକଟରେ ଆମ୍ଭେମାନେ ଋଣୀ ଅଟୁ । ଖ୍ରୀଷ୍ଟିୟାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ନିକଟରେ ଆମ୍ଭେମାନେ ଋଣୀ ଅଟୁ । ବିଶପ, ଅଧ୍ୟକ୍ଷ ମାନଙ୍କ ନିକଟରେ ଆମ୍ଭେମାନେ ଋଣୀ ଅଟୁ । ସୁସମାଚାର ପ୍ରଚାରକମାନେ ଯେଉଁମାନେ ସାହସ ସହିତ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରନ୍ତି, ସେମାନଙ୍କ ସମସ୍ତଙ୍କ ନିକଟରେ ଆମ୍ଭେମାନେ ଋଣୀ ।

**- John Harris**

❋❋❋

# ଯୀଶୁ କାହିଁକି ବାପ୍ତିଜିତ ହୋଇଥିଲେ ?

## (Why was Jesus Baptized ?)

ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲିଲୀରୁ ଯର୍ଦ୍ଦନକୁ ଆସିଲେ । କିନ୍ତୁ ଯୋହନ ତାହାଙ୍କୁ ନିବାରଣ କରିବାକୁ ଚେଷ୍ଟା କରି କହିଲେ, ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋର ପ୍ରୟୋଜନ, ଆଉ ଆପଣ ମୋ ନିକଟକୁ ଆସୁଅଛନ୍ତି ? ମାତ୍ର ଯୀଶୁ ତାଙ୍କୁ ଉତ୍ତର ଦେଲେ ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କୁ ଉପଯୁକ୍ତ ସେଥିରେ ସେ ତାହାଙ୍କ କଥାରେ ସମ୍ମତ ହେଲେ । (ମାଥିଉ ୩:୧୩-୧୫)

ଯୀଶୁ କାହିଁକି ବାପ୍ତିଜିତ ହୋଇଥିଲେ ? ପାପ ରହିତ ଈଶ୍ୱରଙ୍କ ମେଷଶାବକଙ୍କର ପାପ ବିମୋଚକ ବାପ୍ତିସ୍ମର କି ଆବଶ୍ୟକତା ଥିଲା ? କାରଣ ବାପ୍ତିସ୍ମ ଆମ୍ଭମାନଙ୍କ ପାପରୁ ମୁକ୍ତ କରେ ବୋଲି ପ୍ରେରିତ ୨:୩୮ ଓ ୨୨:୧୬ ପଦରେ ପଢ଼ିପାରୁ । ଖ୍ରୀଷ୍ଟ ମଧ୍ୟ ସ୍ୱର୍ଗାରୋହଣ ପୂର୍ବରୁ କହିଲେ,"ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ (ମାର୍କ ୧୬:୧୬) ଏବଂ ପିତର କହନ୍ତି, ସେଥିର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା, ଯୀଶୁଖ୍ରୀଷ୍ଟଙ୍କ ପୁନରୁଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି । (୧ମ ପିତର ୩:୨୧)

ତାହାଙ୍କ ଠାରେ ପାପର ଲେଶ ମାତ୍ର ନଥିଲା ବୋଲି ଈଶ୍ୱରଙ୍କ ବାକ୍ୟ ଯୀଶୁଖ୍ରୀଷ୍ଟ ବିଷୟରେ ସାକ୍ଷ୍ୟ ଦିଏ । (୨ୟ କରିନ୍ଥୀ ୫:୨୧) । ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ମୁଖରେ କୌଣସି ଛଳକଥା ନଥିଲା । (୧ମ ପିତର ୨:୨୨) ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ । (ଏବ୍ରୀ ୪:୧୫) ସେ ପାପମୋଚନ ନିମନ୍ତେ ବାପ୍ତିଜିତ ହୋଇଥିଲେ, ତେବେ ଆଜ୍ଞା ଲଂଘନକାରୀ ରୂପେ ପରିଗଣିତ ହୁଅନ୍ତେ କାରଣ, କାରଣ ଆଜ୍ଞା ଲଂଘନ ହିଁ ପାପ । (୧ମ ଯୋହନ ୩:୪) କିନ୍ତୁ ସେ ସର୍ବଦା ପରମେଶ୍ୱରଙ୍କ ସନ୍ତୋଷଜନକ କାର୍ଯ୍ୟ କରନ୍ତି । ଯଦି ସେ ନିଜେ ପରିତ୍ରାଣ କର୍ତ୍ତା ଲୋଡ଼ନ୍ତି, ତେବେ ସେ କିପରି ଆମ୍ଭମାନଙ୍କ ତ୍ରାଣକର୍ତ୍ତା ହୋଇପାରିବେ ?

ତାହାଙ୍କ ବାପ୍ତିଜିତ ହେବାର ଆବଶ୍ୟକତା ବାପ୍ତିଜକ ଯୋହନଙ୍କୁ ବୁଝାଇ ସେ କହନ୍ତି । ତେବେ ସମ୍ମତ ହୁଅ । କାରଣ ଏହି ପ୍ରକାର ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କ ଉପଯୁକ୍ତ ମୁଁ ଯେ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି । ଏପରି ଭାବ ନାହିଁ, ଲୋପ କରିବାକୁ ଆସିନାହିଁ ବରଂ ସଫଳ କରିବାକୁ ଆସିଅଛି । (ମାଥିଉ ୫:୧୭) ଅର୍ଥ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ।

"ଯେ ଧର୍ମାଚରଣ କରେ ସେ, ଯେପରି ଧାର୍ମିକ ଅଟନ୍ତି ସେ ସେହିପରି ଧାର୍ମିକ ଅଟେ । (୧ମ ଯୋହନ ୩:୭) ଧର୍ମାଚରଣ କରି ଯଦି ମନୁଷ୍ୟ ଧାର୍ମିକ ଗଣିତ ହୁଏ, ତେବେ ପ୍ରଭୁ ଯୀଶୁ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ପରିଗଣିତ ହୋଇପାରିଥିଲେ କି ? ଯିଶାଇୟ ଭାବବାଦୀ ଏହାର ଉତ୍ତରରେ କହନ୍ତି, ସେ ଆପଣାର ପ୍ରାଣବେଦନାର ଫଳ ଦେଖି ତୃପ୍ତ ହେବେ, ଆମ୍ଭର ଧାର୍ମିକ ଦାସ ଆପଣାର ଜ୍ଞାନ ଦ୍ୱାରା ଅନେକଙ୍କୁ ଧାର୍ମିକ କରିବେ ଓ ସେ ସେମାନଙ୍କର ଅପରାଧ ବହିବେ । (ଯିଶାଇୟ ୫୩:୧୧) ପ୍ରେରିତ ପାଉଲ ଆପଣା

ମୃତ୍ୟୁ ଓ ପୁରସ୍କାର ବିଷୟରେ କହନ୍ତି, "କାରଣ ଏବେ ହେଁ ମୋହର ପ୍ରାଣ ଆହୁତି ପରି ଢ଼ଳା ଯାଉଅଛି । ମୋହର ମହାପ୍ରୟାଣର ସମୟ ଉପସ୍ଥିତ । ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି । ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ି ଅଛି । ମୁଁ ବିଶ୍ୱାସ ରକ୍ଷା କରିଅଛି, ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖାଯାଇଅଛି । ତାହା ସେହି ମହାଦିନରେ ନ୍ୟାୟବାନ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ । ପୁଣି କେବଳ ମୋତେ ନୁହେଁ, ମାତ୍ର ଯେତେଲୋକ ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରନ୍ତି, ସେ ସମସ୍ତଙ୍କୁ ଦେବେ । (ତୀମଥି ୪:୬-୮) । ପୁନର୍ବାର ପାଉଲ ଆଥନୀ ପ୍ରଜାଙ୍କୁ କହିଥିଲେ । କାରଣ ଯେଉଁଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ । ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି, (ପ୍ରେରିତ ୧୭:୩୧) ଅଧାର୍ମିକ ବ୍ୟକ୍ତିଙ୍କ ଠାରୁ ଆମ୍ଭେମାନେ କିପରି ଧାର୍ମିକତାର ମୁକୁଟ ପ୍ରାପ୍ତ ହୋଇପାରୁ ? ପ୍ରେରିତ ଯୋହନ ଯୀଶୁଙ୍କୁ 'ଧାର୍ମିକ ଖ୍ରୀଷ୍ଟ' ବୋଲି ପରିଣତ କରନ୍ତି । ଧାର୍ମିକତା ଆବଶ୍ୟକୀୟ ଗୁଣ ପ୍ରଭୁ ଯୀଶୁଖ୍ରୀଷ୍ଟ ପୂରଣ କରି, ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ବଳିଦାନ କଲେ ।

ଯୀଶୁଖ୍ରୀଷ୍ଟ ବାପ୍ତିଜିତ ହେବାର ୨ୟ କାରଣ ଆମ୍ଭେମାନେ ମାଥିଉ ୨୧:୨୩-୨୭ ପଦଗୁଡ଼ିକରେ ପଢ଼ିପାରୁ । ଯୀଶୁଖ୍ରୀଷ୍ଟ ମନ୍ଦିରରେ ଶିକ୍ଷାଦେବା ସମୟରେ ପ୍ରଧାନ ଯାଜକମାନେ ଓ ପ୍ରାଚୀନମାନେ ସେ କେଉଁ ଅଧିକାରରେ ଏହିସବୁ କର୍ମ କରୁଅଛନ୍ତି ବୋଲି ପ୍ରଶ୍ନ କରିଥିଲେ । ସେମାନଙ୍କ ପ୍ରଶ୍ନର ଉତ୍ତରରେ ପ୍ରଭୁ ଯୀଶୁ ସେମାନେ ଫେରି ପ୍ରଶ୍ନ କରି କହିଲେ । ଯୋହନଙ୍କର ବାପ୍ତିସ୍ମ କେଉଁଠାରୁ ହୋଇଥିଲା ? (୨୪ ପଦ) ଏହି ପ୍ରଶ୍ନ ସେମାନଙ୍କୁ ସେ ଆନ୍ଦୋଳିତ କରିଥିଲେ । କାରଣ ଯୋହନଙ୍କ ବାପ୍ତିସ୍ମ ଯେ ଦୈବିକ ଆଜ୍ଞା ଅକ୍ଷମ ଆପେ ପାଳନ କରିନଥିଲେ ।

ଦୈବିକ ଯୋହନଙ୍କ ବାପ୍ତିସ୍ମରେ ଯଦି ଯୀଶୁଖ୍ରୀଷ୍ଟ ଆଜ୍ଞାବହ ହୋଇନଥାନ୍ତେ, ପ୍ରଧାନ ଯାଜକ ପ୍ରାଚୀନମାନେ ତାହାଙ୍କୁ ନିନ୍ଦା କରିପାରେ କାରଣ ପାଇ ପାରିଥାନ୍ତେ । ପରମେଶ୍ୱରଙ୍କ ଆଜ୍ଞା ସକଳ ଧର୍ମମୟ (ଗୀତ ୧୧୯:୧୭୧) ଏବଂ ତାହା ପାଳନ କରିବାରେ ଆମ୍ଭେମାନେ ଧାର୍ମିକତା ଲାଭ କରୁ । ସେଥି ସକାଶେ ପ୍ରଭୁ ଯୀଶୁ ବାପ୍ତିଜିତ ହୋଇଥିଲେ କାରଣ ସେ ସର୍ବଦା ପିତା ପରମେଶ୍ୱରଙ୍କ ସନ୍ତୋଷଜନକ କାର୍ଯ୍ୟ କରନ୍ତି । (ଯୋହନ ୫:୨୯) ।

**- Jason Roberts**

❋❋❋

**Edited & Published by : Kabita & Joshua Gootam**

# WHAT MUST A CHRISTIAN DO TO BE SAVED ?

INTRODUCTION :

1. The question under consideration has to do with one's eternal salvation.

2. The particular query suggests :

a. It is not enough to live a good moral life.

b. It is not enough to read the Bible. c. It is not enough to study the Bible. d. It is not enough to obey the gospel. e. It is not enough to be a Christian. f. It is not enough to be a church member.

3. After one becomes a Christian then he must do something in order to be saved.

DISCUSSION :

**A. The Christian must attend the assemblies. (Heb. 10:25).**

1. One could hardly serve God and fail to worship him. 2. To worship God in spirit and in truth. 3. The assemblies are to be based on the word of God.

**B. The Christian must work daily for the Lord. (1 Cor. 15:58).**

1. One cannot be a Christian and do nothing

2. Each one is to work out his salvation.

3. To be justified by doing the work of God

**C. The Christian must teach God's Word (Matt. 28:19)**

1. This is another way of saying that he is to be a soul winner. 2. The word of God is to be taught by word and by deed. 3. The truth must be taught if souls are to be made free.

**D. The Christian must be an example. (1 Tim. 4:12).**

1. To let his light shine before men. 2. God is to receive all the glory. 3. This is a fine medium of teaching the will of the Lord.

**E. The Christian must do all in the name of the Lord (Col. 3:17).**

1. This includes what one says or does.

2. Through such the Lord will be glorified.

3. To do this he must ever follow the will of God

**F. The Christian must be faithful to the Lord. (Rev. 2:10).**

1. This means that one must be faithful unto death.
2. Those who overcome will receive a crown of righteousness.
3. To obey the Lord's commands is but to prepare one's self for heaven.

**CONCLUSION :**

1. Faithful will be rewarded.
2. Remember two things.
   a. One must obey the gospel to be saved from his alien sins. b. One must obey the will of God to be eternally saved as a Christian.
3. Don't just talk about these matters but do something about them. 4. Obey the gospel but don't stop there - keep going until you enter the portals of Heaven itself.

**- J.C. Choate**

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(For Private Circulation Only)